# OFFICE OF THE TAHASILDAR, KANIKA.

**No:- 4729 /Dt. 09.11.21**

To

**The D.I.O, NIC, Kendrapara**

Sub:- Publication of advertisement in the District website regarding.

Sir,

In inviting a reference to the subject cited above, in enclosing here with a copy of the advertisement with necessary attachment (**Notice for long term lease, Annexure-A and Form-M).** I am to request you to upload the same in the Kendrapara District website from dt.10.11.2021 to dt.15.12.2021 for wide publication.

Yours faithfully

**Tahasildar, Kanika.**

Memo No. 4730 /Dt. 09.11.21 //

Copy submitted to the Additional District Magistrate/Sub-Collector, Kendrapara for favour of kind information and necessary action.

**Tahasildar, Kanika.**

Memo No. 4731 /dt. 09-11-21

Copy submitted to the Collector, Kendrapara for favour of kind information.

Tahasildar, Kanika.

Memo No. 4732 /Dated. 09-11-21

Copy to Notice Board Tahasil Office, Kanika for information of General Public.

Tahasildar, Kanika.

Memo No. 4733 /dt. 09-11-21

Copy of the advertisement is forwarded to the B.D.O, Rajkanika for favour of kind information and necessary action. He is requested to hang the coy of the advertisement in his office notice board for wide publication.

Tahasildar, Kanika.

Memo No. 4734 / dt. 09-11-21

Copy of the advertisement is forwarded to all RIs of Kanika Tahasil for information and necessary action. They are directed to hang the copy of the advertisement in their office notice board for wide publication.

Tahasildar, Kanika.

Tahasildar, Kanika.
Email : tahasildarkanika@gmail.com.
Phone : 06729-248622

# ତହସିଲ କାର୍ଯ୍ୟାଳୟ, କନିକା

## ଦୀର୍ଘ ମିଆଦି ଲିଜ ନିମନ୍ତେ ନିଲାମ ଇସ୍ତାହାର

ତାରିଖ :-

ପତ୍ର ସଂଖ୍ୟା :-

ଏତଦ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ କନିକା ତହସିଲ ଅନ୍ତର୍ଗତ ସୁଚିରେ ପ୍ରଦତ୍ତ (Annexure-A) ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଗୁଡିକୁ ଆସନ୍ତା 5 (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ।

ପ୍ରକାଶ ଥାଉକି ଲିଜ ରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତିବିଶେଷ ଉତ୍ସଗୁଡିକୁ ପରିଦର୍ଶନ କରି, ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ। ଲିଜ ନେବାପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ, ତଥା କୌଣସି **ପ୍ରାକୃତିକ ବିପର୍ଯ୍ୟୟ** ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଇଚ୍ଛୁକ ବ୍ୟକ୍ତିମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି(ସଂଶୋଧନ) ଆଇନି-2016 ବର୍ଣିତ ତିନିକିତା **ଫର୍ମ-M** ପୂରଣ କରି ତତସହିତ ନିମ୍ନଲିଖିତ କାଗଜାତ ଦାଖଲ କରିବା ହେବେ।

1. ଦରଖାସ୍ତ ଫି ବାବଦକୁ ଟ. 1000/-( ଏକ ହଜାର ) ଟଙ୍କାର ଟ୍ରେଜେରୀ ଚାଲାଣ **(Head of Account - 0853-Non-Ferrous Mining and Metallurgical Industrie-102- mineral concession Fees, Rent & Royalties)**, ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।
2. ଉତ୍ସର ନାମ, ଚଫସିଲ ଓ ସହରଚର ବିବରଣୀ ସଂଲଗ୍ନ କରିବା ହେବେ ।
3. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନି ଆନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ।
4. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟଉତ୍ତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତ ରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ପରିମାଣର ଏକ ଶୋଧକ୍ଷମ ପ୍ରମାଣପତ୍ର (Solvency Certificate) କିମ୍ୱା ବ୍ୟାଙ୍କ ପ୍ରତ୍ୟାଭୁତି (**Bank Guarantee**, ଯାହାର ଅବଧି ଅନ୍ତତଃ ୪୦ର ମାସ ହେବ ଆବଶ୍ୟକ) **(Requisite Extent of Bank Guarantee = Minimum Guaranteed Quantity X (Offered Additional charge+ Royalty)** ।
5. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲିଟି ର ଶତକଡା 5 ଭାଗ **EMD (Earnest Money Deposit )** ନିମନ୍ତେ ତହସିଲଦାରଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ। ନିର୍ଦ୍ଧାରିତ **EMD (Earnest Money Deposit )**ର ପରିମାଣକୁ ଆବେଦନକାରୀ ତହସିଲଦାରଙ୍କ ନାମରେ ହୋଇଥିବା ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଦରଖାସ୍ତ ସହ ସଂଲଗ୍ନ କରିବେ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।
6. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଅସ୍ଥାବର ସମ୍ପତ୍ତି ତାଲିକା। ଯଦି ଦରଖାସ୍ତକରି ଚାହାଁନ୍ତି ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ଯଥା ବୈଷୟିକ ଜ୍ଞାନ, ଅଭିଜ୍ଞତା, ପାଖରେ ଥିବା ଜନ୍ତ୍ର ସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ପାତ୍ର ସଂଲଗ୍ନ କରିପାରି।
7. ଗତବର୍ଷର ଆୟକର ଦାଖଲ (Income Tax Return Filing) ବିବରଣୀର ନକଲ ।

୪. କୌଣସି ସଇରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ, ଦରଖାସ୍ତକରୀ ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ୱଘୋଷିତ ଲିଖିତନାମା ଦାଖଲ କରିବେ।

୨. ଦରଖାସ୍ତକରୀ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଦରଖାସ୍ତକରୀଙ୍କ ନାମ, ଠିକଣା ଓ ଫୋନ ନଂ ସ୍ପଷ୍ଟ ଭାବରେ ଉଲେଖ କରିବେ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦା ଲଫାପାରେ ରେଜିଷ୍ଟ୍ରି ଡାକ ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦା ଟେଣ୍ଡର ବାକ୍ସରେ **ତା ୧୬.୧୧.୨୦୨୧ ରିଖ ପୂର୍ବାହ୍ନ** ଯେ କୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ **୧୦ ଘଟିକା ରୁ ୧୫.୧୨.୨୦୨୧ ଅପରାହ୍ନ ୫.୩୦ ଘଟିକା** ସୁଧା ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ। **ତା ୧୬.୧୨.୨୦୨୧ ପୂର୍ବାହ୍ନ ୧୧ ଘଟିକା** ସମୟରେ ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଟେଣ୍ଡର ବାକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଚୂଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ ଦରଖାସ୍ତକୁ ବାତିଲ କରାଯିବ। ଉପରୋକ୍ତ ସମୟପରେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ। ଯଦି କୌଣସି ଅନିବାର୍ଯ୍ୟ କାରଣ ବଶତଃ ତା **୧୬.୧୨.୨୦୨୧** ଦିନ ସର୍ବୋଚ୍ଚ ନିଲାମଧାରୀ ଚୟନ ସମ୍ଭବ ନ ହୁଏ, ଏହି ପ୍ରକିୟା ତା ୧୭.୧୨.୨୦୨୧ ରିଖ ଦିନ କରାଯିବ | ପୁନଶ୍ଚ, ଯଦି କୌଣସି ଅନିବାର୍ଯ୍ୟ କାରଣ ବଶତଃ ତା **୧୭.୧୨.୨୦୨୧** ଦିନ ସର୍ବୋଚ୍ଚ ନିଲାମଧାରୀ ଚୟନ ସମ୍ଭବ ନ ହୁଏ, ଏହି ପ୍ରକିୟା ତା **୧୮.୧୨.୨୦୨୧** ରିଖ ଦିନ କରାଯିବ |

**ଠିକଣା :**
**ତହସିଲଦାରଙ୍କ କାର୍ଯ୍ୟାଳୟ, କନିକା,**
**ଗ୍ରା/ପୋ- ରାଜକନିକା, ଜି: କେନ୍ଦ୍ରପଡା**
**ପିନ:- ୭୫୪୨୨୦**

**ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ଆବେଦନ ପତ୍ରକୁ ସର୍ବୋଚ୍ଚ ଲିଜଧାରୀ ଯୋଗ୍ୟ ବିବେଚିତ କରାଯିବ।**

ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ରୟାଲଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ।

**ସର୍ତାବଳୀ**

1. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ 2016 (OMMC Rule 2016) ଓ ସମୟକ୍ରମେ ଓଡିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ଆଇନର ପରିସର ଭୁକ୍ତ ରହିବେ ।
2. ଆବେଦନକାରୀ ଲିଜ ପାଇଁ ଉଦ୍ଧିଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ବାଲି ଉତ୍ସ ଗୁଡିକ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା , ଗଚ୍ଛିତ ଥିବା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପରୟବେକ୍ଷଣ କରି ଏହି ଲିଜ ନିମିତ୍ତ ଉଦ୍ଦିଷ୍ଟ ନିଲାମରେ ଅଂଶ ଗ୍ରହଣ କରିବେ ।
3. ଲିଜ ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହି ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହି ।
4. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଜୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହି ।
5. ସର୍ବୋଚ୍ଚ ଲିଜଧାରୀ ନିଜ ଖରଚରେ Mining Plan ଏବଂ EC ର ମୂଲ୍ୟ ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ ।
6. ବାଲି ପାଇଁ ସର୍ବ ନିମ୍ନ ସରକାରୀ ରୟାଲିଟି ମୂଲ୍ୟ ଘନମିଟର ପ୍ରତି ( Per Cubic Meter ) 35 ଟଙ୍କା ଏବଂ ସର୍ବ ନିମ୍ନ ଅତିରିକ୍ତ ଦେୟ ଘନମିଟର ପ୍ରତି 14 ଟଙ୍କା ଧାର୍ଯ୍ୟ କରା ଯାଇଅଛି ।
7. ସରକାରୀ ଭାବେ ଘନମିଟର ପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ ( Minimum additional charge ) ଦରଠାରୁ କମ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଲଗ୍ନ ନ କରିଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଖାରଜ କରି ଦିଆଯିବ ।

8. ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ନିମନ୍ତେ ସମାନ ରୟାଲିଟି ମୂଲ୍ୟ ଦର୍ଶାଇ ଥାନ୍ତି , ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ବିବେଚିତ କରାଯିବ ।

9. ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବ , ତେବେ ସେହି ଉତ୍ସ ପାଇଁ ନିଲାମ କରାଯିବ ନାହିଁ ।

10. ସର୍ବୋଚ୍ଚ ନୀଲାମଧାରୀ ରୟାଲିଟି , Dead Rent , Surface Rent ଓ ଜିଲ୍ଲା ଖଣିଜ ପାଣ୍ଠି କୁ ( District Mineral Foundation ) ଦେବାକୁ ଥିବା ଦେୟରୁ ଏକ ଚତୁର୍ଥାଂଶ ରୁ Earnest Money କୁ ବାଦ ଦେଇ ବଳକା ଥିବା ଖଣିଜ ରାଶିର ପରିମାଣ ଜମା କରିବେ ଓ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା ରୁ Earnest Money କୁ ଏକତ୍ର କରି ସୁଧ ସହିତ ଅମାନତ ରାଶି ( Security Deposit ) ଭାବରେ ରଖାଯିବ । ଯଦି ମନୋନୀତ ବ୍ୟକ୍ତି 15 ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପଇଠ ନ କରନ୍ତି , ତେବେ ଦ୍ୱିତୀୟ ସର୍ବାଧିକ **ନୀଲାମଧାରୀଙ୍କୁ** ସୁଯୋଗ ଦିଆଯିବ ।

11. ସର୍ବୋଚ୍ଚ ନିଲାମଧାରୀ ବାଲି ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ ( Consent to Operate & Consent to established) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରୁ (Odisha pollution Control board ) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

12. ନିଲାମଧାରୀ ସମସ୍ତ ( Clearance ) ଦେୟ ଜମା କରିବା ପରେ ସେ ଫରମ କ ( Form N ) ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାକୁ Registration ( Registration Act 1908 ଓ Stamp Act 1890 ଏବଂ 1899 ଅନୁଯାୟୀ ) ସମ୍ପାଦନ କରିବେ ଏବଂ ପରବର୍ତ୍ତୀ ବର୍ଷ ଗୁଡିକ ପାଇଁ ପ୍ରତ୍ୟେକ ଛଅ ମାସିକରେ ପଇଠ କରିବେ ।

13. ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେବା ପରେ ସ୍ଥିର କରାଯିବ ।

14. ପୁନଶ୍ଚ ନିଯମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମା ରାଶି ବ୍ୟାଜ୍ୟାପ୍ତ କରିବାର କ୍ଷମତା , କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିବ ।

15. ଲିଜ ଧାରୀ ଦାଖଲ କରୁଥିବା ଦେୟ ଯଥା – ରୟାଲିଟି , Dead Rent , Surface Rent , DMF , Additional Charge ଓ ଅନ୍ୟାନ୍ୟ ଦେୟର 2% ଆୟ କର ( TCS) ବବାଦକୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ୍ୟ ବହନ କରିବେ ।

16. ଲିଜଧାରୀ ସଇରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ବାଡ ଦେଇ ଚିହ୍ନଟ କରିବେ ଏବଂ ତାହା ସମ୍ମୁଖରେ ଫଳକ ( Display Board ) ତିଆରି କରି ସେଥିରେ ସଇରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

17. ଉପୋରୋକ୍ତ ସମସ୍ତ ସର୍ତ୍ତା ବଳି ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ ।କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜ ଧାରୀ ସଇରାତ ଉତ୍ସରୁ ବାଲି ଉଠାଇ ପାରିବେ ନା ହିଁ ।

18. ଲିଜ ସମ୍ବନ୍ଧୀୟ ସର୍ତ୍ତା ବଳି ଓ ଅନ୍ୟାନ୍ୟ କାଗଜାତ ଅତ୍ର କର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ଖୋଲି ପାରିବେ ।ଏହି ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବସାଇଟ ( Kendrapara.nic.in ) ରେ ଦେଖି ପାରିବେ ।

19. ନିଲାମ ଦରଖାସ୍ତ କାରୀ ମାନେ ତଥା ଲିଜ ଗ୍ରହିତା , ଓଡିଶା ଲଘୁ ଖଣିଜ ନିୟମ 2016 ଏବଂ ତତ ସଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

20. ଲିଜ ଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ପଦାର୍ଥ ଉତ୍ତୋଳନ ଓ ପରିବହନ ଛଅ ମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

21. ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରି ଲକ୍ଷିତ ହୁଏ , ତେବେ ତାହା ସଂଶୋଧନ କରିବାର ଅଧିକାର ଓ କ୍ଷମତା ଉକ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।

ତହସିଲଦାର ଓ କ୍ଷମତାପ୍ରାପ୍ତ ଅଧିକାରୀ , କନିକା

# ତହସିଲ କାର୍ଯ୍ୟାଳୟ, କନିକା

**Annexure-A**

## ଲିଜ ପାଇଁ ଉଦ୍ଦିଷ୍ଟ ଲଘୁ ଖଦାନର ବିବରଣୀ ସଇରାତ ଉତ୍ସର ବିସ୍ତାରିତ ବିବରଣୀ

| କ୍ରମିକ ସଂଖ୍ୟା | ମୌଜା ନାମ | ସଇରାତ ଉତ୍ସର ନାମ | ଖାତା ନଂ | ପ୍ଲଟ ନଂ | ରକବା ଏକର | କିସମ | ଲଘୁ ଖଣିଜ ନାମ | ରୟାଲଟି ମୂଲ୍ୟ (per CUM) | ସର୍ବନିମ୍ନ ଅତିରିକ୍ତ ଦେୟ (Additional Charges) | Mining Plan ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ବାଲିର ପରିମାଣ (ଘନ ମି) | ଅଗ୍ରୀମ ଦାଖଲ କରିବାକୁ ଥିବା ଅମାନତ ରାଶି Earnest Money ର ପରିମାଣ (Rs) |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | ଚରପଡା | ଖରସ୍ରୋତା ନଦୀ ବାଲି ସଇରାତ ଉତ୍ସ, ଚରପଡା | ୧୪୧୭ | ୧୧୯୧ | ଏ ୩୨.୩୮ ସ୍ଥ ଏ ୧୨.୦୦ | ନଦୀ | ବାଲି | 35/- | 14/- | ୧୬୮୦ | ୪୧୧୭/- |
| 2 | କନପୁର | ବୈତରଣୀ ନଦୀ ବାଲି ସଇରାତ ଉତ୍ସ, କନପୁର | ୧୮୭ | ୭୩୯<br>୮୨୨ | ଏ ୩୯.୬୨ ସ୍ଥ ଏ ୫.୬୨୫<br>ଏ ୩୦.୬୨ ସ୍ଥ ଏ ୫.୬୨୫<br>ମୋଟ = ଏ ୧୧.୨୫୦ | ନଦୀ | ବାଲି | 35/ | 14/ | ୨୨୫୦ | ୫୫୧୩/- |

ତହସିଲଦାର-ତଥା-କ୍ଷମତାପ୍ରାପ୍ତ ଅଧିକାରୀ , କନିକା